**ଉନ୍ନୟନ ନ୍ୟାସ, ସାଙ୍ଗରୁର୍**

**ବନାମ**

**ଗୁର୍ଜିତ୍ ସିଂହ ସାନ୍ଧୁ ଏବଂ ଅନ୍ୟମାନେ**

**ଜାନୁଆରୀ 15, 1996**

**[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 23 (1A) - ଅତିରିକ୍ତ ରାଶି - ଅଧିକାର - ସଂଶୋଧନ ଅଧିନିୟମ 68/1984 ପୂର୍ବରୁ ଅଧିସୂଚନା ଏବଂ ଅଧିନିର୍ଣ୍ଣୟ - ତେଣୁ ଦାବିଦାରମାନେ ଅତିରିକ୍ତ ରାଶି ପାଇବାକୁ ହକଦାର ନୁହଁନ୍ତି ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 2618/1996 ।

ଏଲ୍.ପି.ଏ. ସଂଖ୍ୟା 9/1991 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 6.7.93 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ଏସ୍. ସି. ପଟେଲ ।

ଉତ୍ତରଦାତାମାନଙ୍କ ତରଫରୁ କେ.ଆର୍. ରାଜଶେଖରନ୍ ପିଲ୍ଲାଇ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ପକ୍ଷମାନଙ୍କ ତରଫରୁ ବିଜ୍ଞ ଅଧିବକ୍ତାମାନଙ୍କୁ ଶୁଣିଲୁ ।

ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ କେ.ଆର୍.ଆର୍. ପିଲ୍ଲାଇ, ଉତ୍ତରଦାତା ସଂଖ୍ୟା 5, 6 ଏବଂ 14 ରୁ 18 ଙ୍କ ତରଫରୁ ହାଜର ହୋଇଛନ୍ତି । ଉତ୍ତରଦାତା ସଂଖ୍ୟା 1, 3, 4 ଏବଂ 7 ରୁ 13 ଙ୍କୁ 29.3.1994 ରେ ସୂଚନା ପଠାଯାଇଥିଲା, କିନ୍ତୁ ଆଜି ପର୍ଯ୍ୟନ୍ତ ସେମାନେ ବ୍ୟକ୍ତିଗତ ଭାବରେ କିମ୍ବା ସେମାନଙ୍କ ଅଧିବକ୍ତାଙ୍କ ମାଧ୍ୟମରେ ହାଜର ହୋଇନାହାଁନ୍ତି । ସ୍ୱୀକୃତିପତ୍ରଗୁଡ଼ିକ ଏପର୍ଯ୍ୟନ୍ତ ପ୍ରାପ୍ତ ହୋଇନାହିଁ । ତେଣୁ, ସେସବୁକୁ ଜାରି କରାଯାଇଛି ବୋଲି ବିବେଚନା କରାଯିବା ଉଚିତ । ଦ୍ୱିତୀୟ

ଉତ୍ତରଦାତାଙ୍କୁ 31.3.1994 ରେ ଜାରି କରାଯାଇଥିଲା । ସେ ବ୍ୟକ୍ତିଗତ ଭାବେ କିମ୍ବା ତାଙ୍କ ଅଧିବକ୍ତାଙ୍କ ମାଧ୍ୟମରେ ହାଜର ହୋଇନାହାନ୍ତି ।

ବିବାଦଟି ହେଉଛି - ଅଧିନିୟମ 68/1984 ଦ୍ୱାରା ସଂଶୋଧିତ ଭୂମି ଅଧିଗ୍ରହଣ ଅଧିନିୟମର ଧାରା 23 (1A) ଅନୁଯାୟୀ ଉତ୍ତରଦାତାମାନେ ଅତିରିକ୍ତ ରାଶି ପାଇବା ପାଇଁ ହକଦାର କି ନୁହେଁ । କଲେକ୍ଟରଙ୍କ ଅଧିନିର୍ଣ୍ଣୟ 1979 ମସିହା ସେପ୍ଟେମ୍ବର 10 ତାରିଖରେ ପ୍ରଦାନ କରାଯାଇଥିବା ବେଳେ ଧାରା 4 (1) ଅନୁଯାୟୀ ଅଧିସୂଚନା 1978 ମସିହା ଜାନୁଆରୀ 28 ତାରିଖରେ ପ୍ରକାଶ ପାଇଥିଲା । ଏହି ପରିସ୍ଥିତିରେ, ଉତ୍ତରଦାତାମାନେ ଅଧିନିୟମର ଧାରା 23 (1A) ଅନୁଯାୟୀ ଅତିରିକ୍ତ ରାଶି ପାଇବାକୁ ହକଦାର ନୁହଁନ୍ତି ।

ତଦନୁସାରେ ଅପିଲଟିକୁ ଉପରୋକ୍ତ ସୀମା ପର୍ଯ୍ୟନ୍ତ ମଞ୍ଜୁରୀ ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍.                                        ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**